ନଟୁଚୋରୀ

ପ୍ରକାଶକ

ଶ୍ରୀରାଧାରମଣ ପୁସ୍ତକାଳୟ

ନୂତନ ମୁଦ୍ରଣ ମୂଲ୍ୟ ଦଶପଇସା

Digitized by srujan.ka@gmail.com

ନଟୁଚୋରୀ

ଦିନେ ବନମାଳୀ ଯାଇଥିଲେ ଖେଳ କଦମ୍ବ ମୂଳରେ ହେଲେ ।
ବୃଷଭାନୁ ଜେମା ସେଠାରୁ ଆସିଣ ବେନି ନୟନେ ଦେଖିଲେ ଯେ ।
କୃଷ୍ଣ ହରଷ ମନ । ଯେସନ୍ତେ ହଜିଲ ପାଇଲେ ଧନ ସେ । ୧ ।

ହସି ହସି ଆସି ରାଧାପାଶେ ବସି କହନ୍ତି ଯଶୋଦାବାଳ ।
ଖରବେଳେ ମାଈଁ କେଉଁଣେ ଯାଇଥିଲୁ ମୁଖରୁ ବହୁଛି ଝାଳ ଗୋ ।
ମାମୁଁ ଦେବେଟି ଗାଳି । ଆଜ ନାହିଁ ତୋ ବଦନେ ଝଳ ଗୋ ॥

ରାଧିକା ବୋଇଲେ ତୋର ମାମୁଁ ଦିନେ ଦେଇ ନାହିଁ ଗାଳି
ମୋତେ । ଯମୁନାକୁ ନୀର ପାଇଁ ଆସିଥିଲି ଏଠାରେ ଭେଟିଲି ତୋତେ
ରେ । କାହା ଅଙ୍ଗେ ଆସିଛୁ । ଘୋର ଅରଣ୍ୟରେ ବୁଲୁଅଛୁ ରେ ॥

ବ୍ୟାଘ୍ର ଭାଲୁ ଗଣ୍ଡା ଗୟଳ ଶୂକର ବନେ ଅଛନ୍ତି ଅପାର । ମହା
ମହା ଋଷି ନ ପାରନ୍ତି ପଶି ତୋତେ ମାଡ଼ୁ ନାହିଁ ଡର ରେ । ମାତା
ଦେଇଛି ଛାଡ଼ି । ସୁଖକାଳେ ହେବ ମଥାକୋଡ଼ି ରେ । ୪ ।

ଶ୍ରୀକୃଷ୍ଣ ବୋଇଲେ ଶୁଣ ଅଗୋ ମାଈଁ ଖେଳିବାକୁ ଆସିଥିଲି ।
ତୋତେ ଦେଖି ମୋର ଭୟ ଦୂରହେଲା ତେଣୁ ତୋ ପାଶେ ଆଇଲି
ଗୋ । ମୋତେ କାଖରେ ବସା । କରଅଛି ମୁଁ ତୋ ପ୍ରତି ଆଶା ଗୋ ॥

ଶ୍ରୀକୃଷ୍ଣର ବାଳଲୀଳା କୁତୁହଳ ରାଧା ଜାଣି ନ ପାରିଲେ । ତକ୍ଷଣେ
ଜଗତନାଥଙ୍କୁ ରାଧିକା କୋଳରେ ବସାଇ ନେଲେ ସେ । କୃଷ୍ଣ
ହେଲେ ଆନନ୍ଦ । ମୁଖ ପ୍ରକାଶେ ପୂର୍ଣ୍ଣିମା ଚନ୍ଦ୍ର ଯେ । ୬ ।

ଅତି ସ୍ନେହଭରେ ବାମ କୁଚପରେ ହାତ ଦେଲେ ପୀତବାସ ।
କହନ୍ତି ଅଚ୍ୟୁତ କହ ମାଈଁ ସତ ଏହା ନାମ ଗୋଟି କିସ ଲୋ । ଏହା
ପାଇଲୁ କାହିଁ । ତୋତେ ଦେଇଛନ୍ତି ଏହା କେହୁ ଲୋ । ୭ ।

ଏମନ୍ତ ପଦାର୍ଥ ଲୁଚାଇ ରଖିଛୁ କେବେ ନ କହିଲୁ ମୋତେ ।
କେଉଁ ଦୋଷ ମୁହିଁ ତୋଠାରେ କରିଛି ଦୟା ନାହିଁ ତୋର ଚିତ୍ତେ
ଲୋ । ମାଈଁ କହିବୁ ସତ । କପାଁ ମୋଠାରେ କଲୁ ଗୁପତ ଲୋ ।୮।

Digitized by srujan ka@gmail.com

ମାମୁଁଙ୍କୁ ତ ତୁହି ନିତ ଯାଚଦେଇ ସେହ୍ନ କରୁଥାଇ ଭେଷ ।
ମୁହିଁ ଯେ ତୋହର ଭଣଜା ଅଟଇ ମୋଠାରେ ନାହିଁ ସରାଗ ଲୋ ।
ଅଜ ଯିବୁ ତୁ କାହିଁ । ରତି ନ ଦେଲେ ଛାଡ଼ିବ ନାହିଁ ଲୋ । ୯ ।
ରାଧିକା ବୋଇଲେ ତୁ ରତି ନ ଜାଣୁ ସ୍ୱଭାବେ ପାଞ୍ଚ ବରଷ ।
ଲୋକେ ଶୁଣି ମୋତେ ଅପବାଦ ଦେବେ ନ ଜାଣୁ କି ପୀତବାସ ରେ ।
ମାଇଁ ମୁଁ ତବ ତୋର । ମୋତେ କଥା କହୁ ଅବଗୁର ରେ । ୧୦ ।
ଶ୍ରୀକୃଷ୍ଣ ବୋଇଲେ ବାତ୍ୟତ ହୋଇଲେ ମୋଠାରେ ନାହିଁ କି
ରତି । ସାନ ସର୍ପର କି ବିଷଜ୍ୱାଳା ନାହିଁ ଏହା ବିଚାରୁଛୁ ମତି ଗୋ ।
ପୁଣି ପର୍ବତ କୋଟେ । ସାନ ନନ୍ଦୁର ପଥର କାଟେ ଗୋ । ୧୧ ।
ଧରି ବେନି ପାଦ ଶୋକେ ଗଦ ଗଦ ହୁଅନ୍ତି ମୁରଲୀଧାରୀ । କି
କରିବି ବୋଲି ରାଧିକା ସୁନ୍ଦରୀ କପାଳରେ ହାତ ମାରି ହେ । ହଠା
ହୋଇଲୁ ଏବେ । ହଠା ମୋ ଶାଶୁ ନଣନ୍ଦ ଦେବେ ହେ । ୧୨ ।
ଶ୍ରୀକୃଷ୍ଣଙ୍କୁ ଘୋଷେ ଯଶୋଦା ଲୋଡ଼ିଲେ କାହିଁ ନ ପାଇଲେ
ଭେଟ । ଯମୁନା କୂଳକୁ ଖୋଜଣ ଆସନ୍ତେ ଦେଖିଲେ କଦମ୍ବତଟ
ଯେ । କୃଷ୍ଣ ପଡ଼ିଛନ୍ତି ହେଲେ । ରାଧା ଗଜଡ୍ରୁଣୀ ପାଦତଳେ ଯେ । ୧୩ ।
ଯଶୋଦା ବୋଲିଲେ ଆଗୋ ରାଇ ତୋତେ ମାନୁନାହିଁ କି
ବିକଳ । କେବଣ ନିମିତ୍ତ ମୋହର ନନ୍ଦନ ଗଡ଼ୁଅଛି ପାଦତଳ ଗୋ ।
ରାଧା କହିଲେ ଫେଡ଼ି । ଝୁଟା ଅଳୁଲେ କରୁଛି ରଡ଼ି ଗୋ । ୧୪ ।
ରାଧିକା ବୋଇଲେ ଶୁଣ ଗୋ ନଣନ୍ଦେ ତୁମ୍ଭ ପୁଅଙ୍କର କଥା ।
କଦମ୍ବ ବୃକ୍ଷରେ ଚଢ଼ିଣ ସେ ଥିଲେ ଦେଖି କୋଡ଼ହେଲି ମଥା ଗୋ ।
ଯେବେ ବୃକ୍ଷୁ ପଡ଼ନ୍ତେ । ଅଜ ଜୀବନେ କି ସେହୁ ଥାନ୍ତେ ଗୋ ୧୫ ।
ଯଶୋଦା ବୋଇଲେ ଉଠ ଉଠ ବାବୁ ମାଇଁତ କହିଲେ ଭଲ ।
ଭଲ କଥାଗୋଟି ବିଚାର ନ କଲୁ ତୁ ତାହା ମଣିଲୁ ସଲ ରେ ।
ଉଠ ଉଠ ମୋ ବାବୁ । ଚାଲ ମୋ ସଙ୍ଗେ ଘରକୁ ଯିବୁ ରେ । ୧୬ ।
ମାତାଙ୍କ ବଚନେ କ୍ରୋଧଭର ହୋଇ ଉଠିଲେ ଯଶୋଦାବାଳ ।
କ୍ରୋଧଭର ହୋଇ ମାଇଁ ମୁଖ ଚାହିଁ ନେତ୍ରୁ ବହେ ଅଶ୍ରୁଜଳ ଯେ
ମାତା ଶୁଣ ଗୋ ତୁହି । ମିଛ କହିଲେ ତୋ ଅଗେ ମାଇଁ ଗୋ । ୧୭ ।

Digitized by srujan ka@gmail.com

ମୁହିଁ ତ ସ୍ୱଭାବେ ବାଳୁତ ଅଟଇ ନ ଜାଣଇ ଗଛଚଢ଼ି । ନଥୁ
ଯୋଡ଼ ମୋର ମାଣିଁ ଲୁଗୁଇଛ ତେଣୁ ମୁଁ ଚରଣେ ପଡ଼ି ଗୋ । ନଥୁ
ଦିଅ ଗୋ ବୋଲି । ଗୋଡ଼ତଳେ ପଡ଼ି ଗଡ଼ୁଥିଲି ଗୋ । ୧୮ ।

ଯଶୋଦା ବୋଇଲେ ସ୍ୱଇ ଅଗୋ ତୁହି ବାଳକଭଣ୍ଡାଇ ଅ... ।
ମୋର ପୁତ୍ର ନଥୁଗୋଟିଏ ନେଇଣ ମିଛକଥା ଅଣି ଯୋଡ଼ୁଛ ଲୋ ।
ହେଉ କଥାରେ ସ୍ୱିତ । ଶାଶୁ ନଣନ୍ଦ ଗଞ୍ଜୁଣ ଥାନ୍ତି ଲୋ । ୧୯ ।

ରସିକା ଚତୁରୀ ପର ପୁରୁଷରେ ଶରଧା ବଳାଉ ଥାଉ । ଯାହା
କଲୁ କଲୁ ନଥୁ ଯୋଡ ଦିଅ ମୋ ପୁଅ ଘରକୁ ଯାଉ ଲୋ । ପୁଣ
ଯଶୋଦା ବୋଲେ । ଯାଇ ନନ୍ଦଙ୍କୁ କହିବ ଭଲେ ଗୋ । ୨୦ ।

ମାଇଁକି ଭଣଜା ଠାପଟ୍ଟ କରଇ ଜଗତରେ ନାହିଁ ଶୁଣା । ତୁହି
ଯେ ଅଜ୍ଞାନ ବାଳକ ହୋଇଲୁ ଏ ତୋହର ବଡ଼ପ୍ପଣା ରେ ।
ତୋତେ ପିଟିବି ଛଟ । ଯାଇଁ ଘରେ କରିବି ଅକଟ ରେ । ୨୧ ।

ତ୍ରିସ୍ତ୍ରୀଙ୍କର କଥା ତ୍ରିସ୍ତ୍ରୀଏ ଜାଣିଲେ ମୋର କଥା କେଣେ ଗଲା ।
ନଥୁ ଯୋଡ଼ ମୋର ସାକ୍ଷାତରେ ନେଲା ସେ କଥା ତ ମିଛ ହେଲାଗୋ
ରତି ମାଗିଲି ତାକୁ । ପ୍ରତେ ଅସେ ସବୁର ମନକୁ ଗୋ । ୨୨ ।

ଭୃଙ୍ଗ ଜାଣେ ସିନା କୁସୁମର ବାସ ବୈଦ୍ୟ ଜାଣେ ନାଡ଼ୀଅନ୍ତ ।
ପଦ୍ମର ମୂଳରେ ମଣ୍ଡୁକା ବସିଣ ସେ ଜାଣଇ କି ବୃତ୍ତାନ୍ତ ଲୋ । ନଥୁ
ନ ଦେଲେ ମୋର । ବସ୍ତ୍ର ଝାଡ଼ି ଦେଖ ତତପର ଲୋ । ୨୩ ।

ବସ୍ତ୍ର ତଳେ ନଥୁ ଯୋଡ଼କ ରଖିଛୁ ଦେଖାଅ ବସନ ଫେଡ଼ି ।
ସତକୁ ସମସ୍ତେ ବଶ୍ୱର କରିବେ ମିଛକୁ ଦେବେ ଧଇଡ଼ ଗୋ । ଶୁଣି
ଯଶୋଦା ବୋଲେ । ସଖୀ ବସନ ଫେଡ଼ କହିଲେ ଗୋ । ୨୪ ।

ଯଶୋଦାର ବାର୍ତ୍ତା ଶ୍ରବଣରେ ଶୁଣି ରାଧିକା ଚକିତ ହେଲେ ।
ତତ୍‌କ୍ଷଣେ ବସନ ଫେଡ଼ିଣ ଦିଅନ୍ତେ ନଥୁ ଅବନୀ ପଡ଼ିଲେ ଲୋ । ରାଧା
ହେଲେ ଚକିତ । ସେ ତ ଲଜ୍ୟାରେ ମାଇଲେ ହାତ ଲୋ । ୨୫ ।

ରାଧିକାର ସ୍ତନ ଯଉବନ ଦେଖି କହନ୍ତି ଦେବ ମୁରାରି । ନଥୁ
ଯୋଡ଼ ମୋର ସାକ୍ଷାତରେ ଦେଲ ଏବେ ଦିଅ ନଥୁଡୋରି ଗୋ ।
ଶୁଣି ରାଧା କହଇ । ନଥୁଡୋରି ନ ଜାଣଇ ମୁହିଁ ଗୋ । ୨୬ ।

Digitized by srujan ka@gmail.com

ନନ୍ଦ ଦଉଡ଼ି ତୋ ଗଭିରେ ବାନ୍ଧିଲେ ଦେଖା ଦିଅନ୍ତୁ ଅଗରେ । ବାନ୍ଧିଲି କବରୀ ଫିଟାଇ ଧଇଲେ ଖସି ପଡ଼ିଲା ମଧ୍ୟରେ ଗୋ । ସାଧ୍ୟ କଲେ ବଡ଼ର । କାନ୍ଧୁ କଲେ କେମନ୍ତ ମନ୍ତ୍ର ଗୋ । ୨୭ ।

ଶ୍ରୀକୃଷ୍ଣଙ୍କୁ ଯେବେ ଯଶୋଦା ଚଳଲେ ରାଧିକା ବଡ଼ରେ ଶତେ । କେମନ୍ତ ମନ୍ତ୍ର ନନ୍ଦପୁଅ କଲା ଛନ୍ଦା କରାଇଲା ମୋତେ ଗୋ । କହେ ଦୀନ ସୁନ୍ଦରୀ । ଏଥୁ ଶେଷ ହେଲା ନଟୁଶ୍ରେଣୀ ଗୋ । ୨୮ ।

(ରାଗ—ଅସାବରୀ, ତାଳ—ଯତି)

ମଦନମୋହନ, କମ୍ପ୍ରଦନ୍ତ ଚଳ୍ୟଙ୍କ ତେଜ ପ୍ରଭୁ, ନରେନ୍ଦ୍ର ଗୃହେ ଗମନ ହେ । ଘୋଷା । ଧନ୍ୟ ବେଶକାରୀ କି ସଜାଡ଼ିକରି ଖଞ୍ଜିଅଛି ମଣିମାଳ । ଚନ୍ଦନଯାତ୍ରାକୁ ବିଜେ କରିଛନ୍ତି ସିନ୍ଧୁସୁତା ପ୍ରାଣଧନ । ୧ । ଇନ୍ଦ୍ର ନଇଋତ କୁବେର ବରୁଣ ଧାତା ଆଉ ଦେବଗଣ । ଖାଦ୍ୟ ଅଳଙ୍କ ଚାମର ଘଣ୍ଟା ଯେବେ ବ୍ରହ୍ମା ଲେପନ୍ତି ଚନ୍ଦନ । ୨ । ଲକ୍ଷେ ଚନ୍ଦ୍ରଦୀପ ବେଜ ପାଶେ ଜଳେ ଛବି ଦିଶେ ଝଟଝଟ । ପଣ୍ଡୁଆମାନେ ଆଗରେ ଚାଲନ୍ତି ମାହାରୀ କରନ୍ତି ନାଟ । ୩ । କି ଶୋଭା ଦିଶଇ ପୁଷ୍ପକ ବିମାନ ମୋହୁଅଛି ତ୍ରିଭୁବନ । ପଣ୍ଡୁଆରେ ବିଜେ କରି ଯାଉଛନ୍ତି ସଙ୍ଗେ ଛନ୍ତି ଭକ୍ତଜନ । ୪ । ନରେନ୍ଦ୍ର କୋଣରୁ କି ଶୋଭା ପାଉଛି ଜଗମୋହନକୁ ବୋଲି । ଭେରୀ ଦେବ ମଣିମା ଡାକ ଶୁଭୁଅଛି ମହାମଙ୍ଗଳ ଗୀତ । ୫ । ନରେନ୍ଦ୍ର ତଡ଼ାଗ ତଟପାଶେ ବେଢ଼ି ଜନେ ଦେଖନ୍ତି ଚନ୍ଦନ । ସେହୁ ପୁରୀ ଧନ୍ୟ ସେହୁ ନାରୀ ଧନ୍ୟ ଆସେ କରନ୍ତି ଦର୍ଶନ । ତପନ ତନୟା ତଟରେ ମୋହନ କରନ୍ତି ମୁରଲୀ ସ୍ୱନ । ଭଣେ ଦୀନକୃଷ୍ଣ ତୁମ୍ଭ ଶ୍ରୀଚରଣେ କରନ୍ତୁ ରହୁ ଧ୍ୟାନ । ୬ ।

—ସ ମା ପ୍ତ—

ମୁଦ୍ରାକର—ଶ୍ରୀ ତ୍ରିଲୋଚନ ମହାପାତ୍ର, ଶ୍ରୀରାଧାରମଣ ପ୍ରେସ,
କଟକ—୧୯୬୪

Digitized by srujan ka@gmail.com

ପ୍ରାପ୍ତିସ୍ଥାନ—

ଶ୍ରୀରାଧାରମଣ ପୁସ୍ତକାଳୟ

ବାଲୁବଜାର

ପୋ: ଚାନ୍ଦନୀଚୌକ କଟକ

Digitized by srujan ka@gmail.com